# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 24 October – 2025

**********************************

## ମୁଖ୍ୟ ସମ୍ବାଦ

- ଯୁବବର୍ଗଙ୍କୁ ସଶକ୍ତ କରିବାକୁ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି 'ଜାତୀୟ ରୋଜଗାର ମେଳା'ରେ କହିଲେ ପ୍ରଧାନମନ୍ତ୍ରୀ
- ରାଜ୍ୟକୁ ଆଳୁ ଓ ଡାଲି ଉତ୍ପାଦନରେ ଆତ୍ମନିର୍ଭର କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର
- ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ; ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ୍

ଏବଂ

- ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

# ପିଏମ୍ ରୋଜଗାର ମେଳା

ବିକଶିତ ଭାରତ ସ୍ୱପ୍ନ ପୂରଣ ଉଦ୍ଦେଶ୍ୟ ନେଇ ଦେଶରେ ସାଢ଼େ ୩ କୋଟି ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ୧୭ତମ ଜାତୀୟ ରୋଜଗାର ମେଳାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୪୭ ବିକଶିତ ଭାରତ ସ୍ୱପ୍ନ ସଂକଳ୍ପ ନେଇ ଗତ ୧୧ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଯୁବବର୍ଗଙ୍କ ଯଥେଷ୍ଟ ଅବଦାନ ରହିଛି। ଯୁବବର୍ଗଙ୍କୁ ସଶକ୍ତ କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି। ଏହି ଅବସରରେ  ପ୍ରତିଭା ସେତୁ ପୋର୍ଟାଲ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି.....

**- V/O -**

ଦେଶର ଯୁବବର୍ଗଙ୍କ ସ୍ୱପ୍ନ ସାକାର କରିବାରେ ନିଯୁକ୍ତି ମେଳା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି। ଗତ କିଛି ବର୍ଷ ମଧ୍ୟରେ ନିଯୁକ୍ତିମେଳା ମାଧ୍ୟମରେ ୧୧ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀ ମୋଦୀ କହିଛନ୍ତି, ସ୍କିଲ୍ ଇଣ୍ଡିଆ ମିଶନ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ତାଲିମ ପ୍ରଦାନ କରୁଛି।

ଏହି ଅବସରରେ ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ଭିନ୍ନ ଭିନ୍ନ ବିଭାଗରେ ନୂଆକରି ଚାକିରି ପାଇଥିବା ୫୧ ହଜାରରୁ ଅଧିକ ଯୁବକ-ଯୁବତୀଙ୍କୁ ଆଜି

ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଦେଶର ୪୦ଟି ସ୍ଥାନରେ ଆଜି ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି।

ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି ରୋଜଗାର ମେଳାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ।

## ଡାଲି ଉତ୍ପାଦନ

ରାଜ୍ୟକୁ ଆଳୁ ଓ ଡାଲି ଉତ୍ପାଦନରେ ଆତ୍ମନିର୍ଭର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ରାଜ୍ୟସ୍ତରୀୟ ରବି ଫସଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଆଳୁ ଚାଷ ପାଇଁ ୩ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ବିହନ ଯୋଗାଇ ଦିଆଯାଇଛି। ୧୩ଟି ଶୀତଳଭଣ୍ଡାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଏହାଦ୍ୱାରା ରାଜ୍ୟର ଆଳୁ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଶା ବ୍ୟକ୍ତ କରିଛନ୍ତି। ଆସନ୍ତା ମାସ ୧୦ ଓ ୧୧ ତାରିଖରେ ରାଜ୍ୟ ସରକାର ମାଣ୍ଡିଆ ଦିବସ ଆୟୋଜନ କରିବାକୁ ଯାଉଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜସିଂ ଚୌହାନ ଯୋଗଦେବେ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

## ସ୍ଥାୟୀ ନିଯୁକ୍ତି

ରାଜ୍ୟରେ ଖୁବ୍ ଶୀଘ୍ର ସ୍ଥାୟୀ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

୨୦୨୫-୨୬ ଶିକ୍ଷାବର୍ଷ ପାଇଁ ରାଜ୍ୟର ୪୮୮ ଏବଂ ୬୬୨ ବର୍ଗ ସରକାରୀ ଅନୁଦାନପ୍ରାପ୍ତ କଲେଜମାନଙ୍କରେ ଅବସରପ୍ରାପ୍ତ ଅଧ୍ୟାପକମାନେ ଶିକ୍ଷାଦାନ କରିବେ। ଉଚ୍ଚଶିକ୍ଷା ବିଭାଗର ପୋର୍ଟାଲ-ଏଚଆଇଏମ୍ଏସ୍‌ରେ ଆସନ୍ତା ୩୧ ତାରିଖ ସୁଦ୍ଧା କରିଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

## ମାନବ ଚାଲାଣ ସମ୍ମିଳନୀ

ରାଜ୍ୟ ପୁଲିସ୍ ମୁଖ୍ୟାଳୟଠାରେ ମାନବ ଚୋରା ଚାଲାଣ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ମାନବ ଚାଲାଣ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ବୋଲି ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ନ୍ୟାୟପାଳିକା, ପୁଲିସ୍, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ସମେତ ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କାର୍ଯ୍ୟ କଲେ ଏହାକୁ ରୋକାଯାଇ ପାରିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ରାଜ୍ୟ ପୁଲିସ୍ ପକ୍ଷରୁ ବିଭିନ୍ନ ସମୟରେ ଅପରେସନ୍ ଅନ୍ୱେଷଣ ଅଭିଯାନ ମାଧ୍ୟମରେ  ୧୨ ଶହ ୯ ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ସମ୍ମିଳନୀରୁ ଜଣାପଡିଛି। ଏଥିସହ ୬ ହଜାର ୬୬୭ ନିଖୋଜ ମହଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଆଗାମୀ ଦିନରେ ରାଜ୍ୟକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଶ୍ରୀ ଖୁରାନିଆ ଆହ୍ୱାନ ଦେଇଥିଲେ।

## ତମାଖୁମୁକ୍ତ କର୍ମଶାଳା

ଦେଶର ଯୁବପିଢ଼ିଙ୍କୁ ତମାଖୁ କବଳରୁ ରକ୍ଷା କରିବା ଲାଗି ବ୍ୟାପକ ସଚେତନତା ସହିତ ଆଇନ୍ କଡାକଡି ଅନୁପାଳନର ଆବଶ୍ୟକତା ରହିଛି ବୋଲି କଟକଠାରେ ଆୟୋଜିତ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା'ରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। 'ତମାଖୁ ମୁକ୍ତ ଯୁବସମାଜ ଅଭିଯାନ'ର ତୃତୀୟ ପର୍ଯ୍ୟାୟ ଅଧୀନରେ ଆୟୋଜିତ ଏହି କର୍ମଶାଳାରେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ତମାଖୁ ମୁକ୍ତ ସମାଜ ଗଠନ ପାଇଁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ବାର୍ଷିକ ପ୍ରାୟ ୫୨ ହଜାର ୯୬୦ କର୍କଟ ରୋଗୀଙ୍କ ମଧ୍ୟରୁ ୩୦ ପ୍ରତିଶତ ତମାଖୁ ଜନିତ କର୍କଟ ଆକ୍ରାନ୍ତ ବୋଲି କର୍ମଶାଳାରେ ଯୋଗଦେଇ ପ୍ରଫେସର ଡାକ୍ତର ସୁରେନ୍ଦ୍ରନାଥ ସେନାପତି କହିଛନ୍ତି। ତମାଖୁ ମୁକ୍ତ ସମାଜ ଗଠନ ଦିଗରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବରିଷ୍ଠ ସାମ୍ବାଦିକ ତପନ ମିଶ୍ର କହିଛନ୍ତି। କର୍ମଶାଳାରେ ସହରର ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ନୂଆପଡା ଉପନିର୍ବାଚନ

**ନୂଆପଡା** ବିଧାନସଭା ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ୧୪ ଜଣଙ୍କର ପ୍ରାର୍ଥୀପତ୍ର ବୈଧ ରହିଛି। ନାମାଙ୍କନପତ୍ର ଦାଖଲ କରିଥିବା ୧୯ ଜଣଙ୍କ ମଧ୍ୟରୁ ଯାଞ୍ଚ ସମୟରେ ୫ ଜଣଙ୍କର ପ୍ରାର୍ଥୀପତ୍ର ଖାରଜ ହୋଇଯାଇଥିଲା। ଆସନ୍ତାମାସ ୧୧

ତାରିଖରେ ମତଗ୍ରହଣ ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## କାଳୀ ଭସାଣୀ

କଟକରେ ମା' କାଳୀଙ୍କ ଭସାଣ ଉତ୍ସବ ଆରମ୍ଭ ହୋଇଛି।  ବିଭିନ୍ନ ସାହି ପରିକ୍ରମା ପରେ ମେଢ଼ଗୁଡ଼ିକ ଦେବୀଗଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଭସାଣୀ ପାଇଁ ପୂର୍ବାହ୍ଣ ୧୦ଟାରୁ ବିଭିନ୍ନ ରାସ୍ତାରେ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ଦେବୀଗଡ଼ାରେ ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରାଯାଇଛି।

## ମିଳିତ ଜାତିସଂଘ ଦିବସ

ମିଳିତ ଜାତିସଂଘ ସଂସ୍ଥାନର ଉଦ୍ଦେଶ୍ୟ ତଥା ଉପଲବ୍ଧି ସଂକ୍ରାନ୍ତରେ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଲକ୍ଷ୍ୟ ନେଇ ୧୯୪୮ ମସିହାରୁ ଆଜିର ଦିନକୁ ମିଳିତ ଜାତିସଂଘ ଦିବସ ଭାବେ ପାଳନ କରାଯାଉଛି। ଦିଲ୍ଲୀରେ ଜାତିସଂଘର ୮୦ତମ ପ୍ରତିଷ୍ଠା ଦିବସ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିଛନ୍ତି।

ବିଶ୍ୱରେ ଶାନ୍ତି, ଏକତା ଏବଂ ସାମୂହିକ ସହଭାଗିତା ପାଇଁ ମିଳିତ ଜାତିସଂଘର ଉଦ୍ୟମ ଓ ପ୍ରୟାସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା

କରିଛନ୍ତି। ଏକ ଶାନ୍ତିପୂର୍ଣ୍ଣ ନ୍ୟାୟସଙ୍ଗତ ଏବଂ ସମୃଦ୍ଧ ବିଶ୍ୱ ଗଠନ ଦିଗରେ ସଂକଳ୍ପବଦ୍ଧ ହେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

## ଏକତା ପଦଯାତ୍ରା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଏବଂ ଏକତା ପଦଯାତ୍ରା ସକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

## ଘରୋଇ ହିଂସା କର୍ମଶାଳା

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗର ସଭାଗୃହରେ ଜିଲ୍ଲାସ୍ତରୀୟ ଘରୋଇ ହିଂସା ପ୍ରତିରୋଧ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତହୋଇଯାଇଛି। କର୍ମଶାଳାରେ ଘରୋଇ ହିଂସା ନିବାରଣ ଅଧିନିୟମ-୨୦୦୫ ଉପଲବ୍ଧ ସହାୟତା ସେବା, ପରାମର୍ଶ ପ୍ରକ୍ରିୟା ଏବଂ ବିଭାଗୀୟ ସମନ୍ୱୟ ସମ୍ପର୍କରେ ଆଲୋଚନା ହୋଇଛି।

## ଦୁର୍ନୀତି ନିବାରଣ ସପ୍ତାହ

**ମାଲକାନଗିରି** ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷଠାରେ ଆଜି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

## ସୁରଭି

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳ ନାରାୟଣ ହାଇସ୍କୁଲ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୫ଟି କ୍ଲଷ୍ଟରରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଆସ ସ୍କୁଲ ଯିବା

**ନୟାଗଡ଼** ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ସଚେତନତା ପଦଯାତ୍ରା  ଆୟୋଜିତ ହୋଇଯାଇଛି । ଜିଲ୍ଲାରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁଣିଥରେ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ ।

## ଦିଶା ବୈଠକ

**ନୟାଗଡ଼** ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି 'ଦିଶା' ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ରୂପାୟନ ଏବଂ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ ।

## ବେଟୀ ବଚାଓ-ବେଟୀ ପଢ଼ାଓ

**ଖୋର୍ଦ୍ଧା** ଜିଲ୍ଲା ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ବେଟୀ ବଚାଓ-ବେଟୀ ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି।

## ସମନ୍ୱୟ ବୈଠକ

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅଧୀନରେ ବିଦ୍ୟାଳୟ ସ୍ତରରେ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ପରବ୍-୨୦୨୫

**କୋରାପୁଟ** ଜିଲ୍ଲା ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାର ଆଦିବାସୀ ମହୋତ୍ସବ 'ପରବ୍-୨୦୨୫' ପାଳନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତା କରି ମହୋତ୍ସବ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାର ସମସ୍ତ ପଞ୍ଚାୟତରେ ନଭେମ୍ବର ୧୩ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏବଂ ବ୍ଲକ୍ ଓ ସହରାଞ୍ଚଳ ସ୍ତରରେ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ସାଇବର ସୁରକ୍ଷା

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ

ବିଭୂତି ଭୂଷଣ ନାୟକ ଯୋଗଦେଇ ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ସୁରକ୍ଷା ସମ୍ପର୍କରେ ଜନସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲାରେ ଆସନ୍ତା ୧୮ ତାରିଖଠାରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ସାଇବର ସୁରକ୍ଷା ଅଭିଯାନ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତାକାଲି ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ରବିବାର ସୁଦ୍ଧା ଗଭୀର ଅବପାତ ଏବଂ ସୋମବାର ଦିନ ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

ଏ ସମ୍ପର୍କରେ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା **ମନୋରମା ମହାନ୍ତି** କହିଛନ୍ତି.......

**- V/O -**